● ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

# ରାତିସାରା ନିଆଁଜାଳି ରାସ୍ତାରେ ବସିଲେ





**ବଣାଇଁ,୮ ।୧(ସମିସ)**

ବଣାଇଁରେ ହାତୀ ଉପଦ୍ରବରେ ଅତିଷ୍ଠ ହୋଇ ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହ ରାତି ସାରା ନିଆଁ ଜାଳି ରାସ୍ତାରେ ବସିରହିଥିଲେ। ଦୀର୍ଘ ଦିନ ଧରି ବଣାଇଁ ରେଞ୍ଜରେ ହାତୀ ସମସ୍ୟା ଲାଗିରହିଛି। ହାତୀ ଘଉଡ଼ାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ହାତୀ ଜଙ୍ଗଲମୁହାଁ ହେବାର ନାଁ ନେଉନାହାନ୍ତି। ରାତିରେ ଦୂର ଜଙ୍ଗଲକୁ ଘଉଡ଼ାଇଥିଲେ ମଧ୍ୟ ସକାଳୁ ପୁଣି ସେହି ଅଞ୍ଚଳକୁ ଫେରି ଆସୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସି ଘରଦ୍ୱାର ଭାଙ୍ଗିବା ସହ ଧାନ, ଚାଉଳ ଖାଉଛନ୍ତି। ଖେତରେ ପନିପରିବା ଫସଲ ଖାଇ ନଷ୍ଟ କରୁଛନ୍ତି। ବଣାଇ ରେଞ୍ଜର ବଡ଼ପୋଷ ଧରଣୀଧରପାଲି, ତଲିତା, ଗୋଗୁଆ, ଜର୍କେକଲା ସିଂଟୋଲ୍ଲା, ଦେଓଗାଁ, ଜୀବିକା, ନୂଆପାଲି, ବଣ୍ଡଡିହି, କେନ୍ଦ୍ରିକଲା ସମେତ ୨୦ରୁ ଅଧିକ ଗାଁରେ ଏହି ଦୁଇ ଦନ୍ତାହାତୀ ଦୀର୍ଘ ଏକ ମାସ ଧରି ଉତ୍ପାତ ଚଳାଇଛନ୍ତି।

ରବିବାର ଭୋର ୪ଟାରେ ମଧ୍ୟ ଦୁଇ ଦନ୍ତାହାତୀ ଜକେଇକଲା ଗ୍ରାମର ଅସାତୁ କିସାନଙ୍କ ଘର ଭାଙ୍ଗିବା ସହ ଅନେକ କ୍ଷୟକ୍ଷତି କରିଥିଲେ। ଘରେ ତାଙ୍କ ଝିଅ ଶୋଇଥିବା ବେଳେ ଘର ଭାଙ୍ଗିବା ଶବ୍ଦ ଶୁଣି ସେ ଚିତ୍କାର କରିବାରୁ ହାତୀ ଦୂରକୁ ଚାଲି ଯାଇଥିଲେ। ଫଳରେ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଚିତ୍କାର ଶୁଣି ପାଖ ପଡ଼ୋଶୀ ସମସ୍ତେ ଉଠି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ଘର ଭାଙ୍ଗିବା ଯୋଗୁଁ ଖାଦ୍ୟ ସାମଗ୍ରୀ ସହ ଆସବାବପତ୍ର ମଧ୍ୟ ନଷ୍ଟ ହୋଇଛି। ହାତୀ ଉପଦ୍ରବରେ ଅତିଷ୍ଠ ହୋଇ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ବଣାଇଁ ଜକେଇକଲା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ନିଆଁ ଜାଳି ରାସ୍ତାରୋକ କରିଥିଲେ। ବନବିଭାଗ ଯେତେ ଚେଷ୍ଟା କଲେ ମଧ୍ୟ ହାତୀ ଘଉଡ଼ାଇବାରେ ବିଫଳ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା ଅବରୋଧ ବେଳେ ଲୋକଙ୍କୁ ବୁଝାଇବା ଲାଗି ଘଟଣାସ୍ଥଳକୁ ଯାଇଥିବା ରେଞ୍ଜର ଓ ଫରେଷ୍ଟରଙ୍କୁ ଉତ୍ତ୍ୟକ୍ତ ଲୋକେ ତୁରନ୍ତ ପଦକ୍ଷେପ ନେବାକୁ ଅଡ଼ି ବସିଥିଲେ। ପରେ ଘଟଣାସ୍ଥଳରେ ବଣାଇଁ ପୁଲିସ ସହ ଜିଲ୍ଲା ପରିଷଦ ସଭ୍ୟ, ଜର୍କେକଲା ସରପଞ୍ଚ ପହଞ୍ଚି ଉତ୍ତ୍ୟକ୍ତ ଲୋକ ଓ ବନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ରେଞ୍ଜ ଅଧିକାରୀ ମନୋଜ କୁମାର ପାତ୍ର ଓ ଫରେଷ୍ଟର ଜ୍ଞାନରଞ୍ଜନ ମହାନ୍ତି କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ସହ ଅତିଶୀଘ୍ର ଘର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

● ପ୍ରେମିକାର ମାଆଙ୍କୁ ହୋଟେଲରେ ଦୁଷ୍କର୍ମ ଘଟଣା

## ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡ



**ରାଉରକେଲା,୮ ।୧(ସମିସ):** ଜଣେ ଆଦିବାସୀ ଯୁବତୀଙ୍କୁ ପ୍ରେମ କରିବା ପରେ ପ୍ରେମିକାଙ୍କ ମାଆଙ୍କୁ ଏକ ହୋଟେଲକୁ ଡାକି ବଳପୂର୍ବକ ଦୁଷ୍କର୍ମ କରିଥିବା ମାମଲାର ଶୁଣାଣି କରି ରାଉରକେଲା ଦ୍ୱିତୀୟ ଏଡିଜେ ମନୋଜ କୁମାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ଯୁବକ ହେଲେ ବିହାରର ମୂଳ ବାସିନ୍ଦା ତଥା କୁଆଁରମୁଣ୍ଡା ଅଞ୍ଚଳରେ ରହୁଥିବା ଇମରାନ ଖାନ ଓରଫ ଏମଡି ନୌସାଦ। ଏଥିସହ କୋର୍ଟ ଇମରାନକୁ ୫ ହଜାର ଟଙ୍କା ଜରିମାନା ଓ ଏହା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ୫୦୬ ଦଫାରେ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ବୀରମିତ୍ରପୁର ଥାନା ଅଞ୍ଚଳରେ ସମ୍ପୃକ୍ତା ଆଦିବାସୀ ଯୁବତୀ ତାଙ୍କ ମାଆଙ୍କ ସହ ବାସ କରିବା ବେଳେ ଇମରାନ୍ ଓ ଯୁବତୀଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ଫୋନ ନମ୍ବର ଆଦାନପ୍ରଦାନ ହୋଇଥିଲା। ଇତିମଧ୍ୟରେ ଯୁବତୀଙ୍କ ପରିବାର ତଥା ମାଆଙ୍କ ସହ ଇମରାନର ଘରୋଇ ସମ୍ପର୍କ ଗଢ଼ି ଉଠିଥିଲା। ଏହି କ୍ରମରେ ଯୁବତୀଙ୍କ ମାଆ ଇମରାନ ସହ ଝିଅର ବିବାହ କରିବାକୁ ସ୍ଥିର କରିଥିଲେ। ତେବେ ୨୦୨୧ ଜାନୁଆରୀ ୩୧ରେ ଇମରାନ ମୋବାଇଲ କିଣି ଦେବାକୁ କହି ଉଭୟ ମାଆ ଓ ଝିଅଙ୍କୁ ରାଉରକେଲା ନେଇ ଆସିଥିଲା। ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଏକ ହୋଟେଲ ବାହାରେ ମାଆ, ଝିଅଙ୍କୁ ଛିଡ଼ାକରି ରୁମ୍ ବୁକ୍ କରିଥିଲା। ପରେ ରୁମ୍ ଭିତରକୁ ମାଆଙ୍କୁ ଡାକିନେଇ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏନେଇ ପୀଡ଼ିତା ତଥା ଯୁବତୀଙ୍କ ମାଆ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଇମରାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା। ୧୩ ଜଣ ସାକ୍ଷୀ, ୬୯ ଦସ୍ତାବିଜକୁ ଭିତ୍ତି କରି ବିଚାରପତି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସତ୍ୟନାରାୟଣ ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ବିଷ୍ଣୁଚରଣ ଜିଲ୍ଲା ଓବିସି ସେଲ୍ ଅଧ୍ୟକ୍ଷ



**ରାଉରକେଲା, ୮।୧(ସମିସ):** ରାଉରକେଲା ଜିଲ୍ଲା କଂଗ୍ରେସର ଓବିସି ବିଭାଗ ଅଧ୍ୟକ୍ଷ ଭାବେ ବିଷ୍ଣୁଚରଣ ମୋହାତ ମନୋନୀତ ହୋଇଛନ୍ତି। ଏ ନେଇ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ବିଷ୍ଣୁଚରଣ ଏକ ରାଜନୈତିକ ଦଳରୁ ରାଉରକେଲା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ପରେ ସେ କଂଗ୍ରେସରେ ଯୋଗଦେଇଛନ୍ତି। ଦଳରେ ବିଷ୍ଣୁଙ୍କ ଯୋଗଦାନ ଏବଂ ଓବିସି ବିଭାଗ ଅଧ୍ୟକ୍ଷ ଭାବେ ନିଯୁକ୍ତି କଂଗ୍ରେସକୁ ଆହୁରି ମଜବୁତ କରିବ ବୋଲି ରାଉରକେଲା ଡିସିସି ସଭାପତି ରଶ୍ମିରଞ୍ଜନ ପାଢ଼ୀ ଆଶାବ୍ୟକ୍ତ କରିଛନ୍ତି।

# ବଣାଇଁରେ ବୁଲିଲା ଅର୍ପଣ ରଥ

### ଶ୍ରୀମନ୍ଦିର ସେବାରେ ଗୁଆ, ଚାଉଳ ସଂଗ୍ରହ




**ବଣାଇଁ,୮ ।୧(ସମିସ):** ଆସନ୍ତା ୧୭ ତାରିଖ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ମହାପ୍ରଭୁଙ୍କ ସଂସ୍କୃତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଶନିବାରଠାରୁ ରାଜ୍ୟ ସାରା ଗଡ଼ୁଛି ଅର୍ପଣ ରଥ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଏହା ଅନ୍ୟତମ ଅଂଶବିଶେଷ। ଏହି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହେବା ପାଇଁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ବଣାଇଁ ବ୍ଲକ୍‌ର ୧୩ ପଞ୍ଚାୟତ ପାଇଁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଅର୍ପଣ ରଥ ବାହାରି ବିଭିନ୍ନ ପଞ୍ଚାୟତ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପ୍ରତ୍ୟେକ ପଞ୍ଚାୟତର ଗ୍ରାମ ସମୂହରୁ ଏହି ରଥ ମାଧ୍ୟମରେ ଶ୍ରୀମନ୍ଦିର ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବ। ଏହି ରଥକୁ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଧୂପଦୀପ ପ୍ରଜ୍ୱଳନ କରି ପଞ୍ଚାୟତ ଅଭିମୁଖେ ପ୍ରେରଣ କରିଛନ୍ତି। କାର୍ଯ୍ୟକ୍ରମରେ ବଣାଇଁ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀରବିଚିତ୍ରସେନ ନାୟକ, ବ୍ଲକ୍ ଉପାଧ୍ୟକ୍ଷା ବିନୀତା ବେହେରା, ବଣାଇଁ ସରପଞ୍ଚ ନମିତା ନାଗ ଉପସ୍ଥିତ ରହି ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ



**ବଣାଇଁ,୮ ।୧(ସମିସ):** ଭାରତୀୟ ଜନତା ଯୁବମୋର୍ଚ୍ଚା ବଣାଇଁ ସାଂଗଠନିକ ଜିଲ୍ଲାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବଣାଇଁ ବ୍ଲକ ଛକସ୍ଥିତ ନିର୍ମାଣଧୀନ ଯୁବମୋର୍ଚ୍ଚା କାର୍ଯ୍ୟାଳୟ ନିକଟରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶାନ୍ତନୁ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଦାଶ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁଜିତ ସିଂ ଯୋଗଦେଇ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇଥିଲେ। ବୈଠକରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ଅଙ୍କୁଶ ବର୍ମାଙ୍କ ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ସାହୁ ଯୋଗଦେଇ ଯୁବ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଜେପି ଜିଲ୍ଲା ସଭାପତି ଅନିଲ ବାର୍ଲା, ବଣାଇଁ ରାଜ ପରିବାର ସଦସ୍ୟ ତଥା ବିଜେପି ବଣାଇଁ ଯୁବମୋର୍ଚ୍ଚା ଉପ ସଭାପତି ଦେବରାଜ ଚନ୍ଦ୍ର ଦେଓ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଯୁବମୋର୍ଚ୍ଚା ବଣାଇଁର ସାଧାରଣ ସମ୍ପାଦକ ଦୀପକ କୁମାର ବେହେରା ଓ ଭଦ୍ର କିସାନ ରାଜନୈତିକ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକରେ ଦଳର ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଜିଲ୍ଲା ଉପ ସଭାପତି ବାସୁଦେବ ସାହୁ, ଶକୁନ୍ତଳା ନାଏକ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଆହ୍ଲାଦ ବଡ଼େଇ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ଅଭିମନ୍ୟୁ ମହାକୁଳ, ବନେଇକଳା ମଣ୍ଡଳ ସଭାପତି ସାରଙ୍ଗଧର ସିଂ, କୋଇଡ଼ା ମଣ୍ଡଳ ସଭାପତି ମେଲୋରୀ ବାରିକ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ସୁମନ୍ତ କୁମାର ଭୋଇ, ବୃନ୍ଦାବନ ଦାସ, ଡିଲେଶ୍ୱର ରଣା, ବଣାଇଁ ମଣ୍ଡଳ ସଭାପତି ମୋହନଲାଲ ପାତ୍ର, ସରସରା ମଣ୍ଡଳ ସଭାପତି ଅବିନାଶ ବେହେରା, ଗୁରୁଣ୍ଡିଆ ମଣ୍ଡଳ ସଭାପତି ଶୁଭ୍ରଜ୍ୟୋତି ମୁଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ସିଂ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ବଣାଇଁ ଅଞ୍ଚଳର ଯୁବକମାନଙ୍କୁ ସ୍ଥାନୀୟ ନିଯୁକ୍ତି ଦାବିରେ ଯୁବମୋର୍ଚ୍ଚା ଆନ୍ଦୋଳନ କରିବ ବୋଲି ବୈଠକରେ ସ୍ଥିର ହୋଇଛି। ସଭା ଶେଷରେ ଆୟୋଜିତ ମିଶ୍ରଣ ପର୍ବରେ ଅନ୍ୟ ଦଳର ବହୁ କର୍ମୀ ବିଜେପିରେ ସାମିଲ ହୋଇଥିଲେ। ବିଜେପି ବଣାଇଁ ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ସଭା ସଂଯୋଜନା କରିଥିଲେ।

# ଆର୍‌ଏସ୍‌ପି ଠିକା ଶ୍ରମିକଙ୍କୁ ଆର୍‌ପିଏଲ୍ ସାର୍ଟିଫିକେଟ୍ ପ୍ରଦାନ





**ରାଉରକେଲା, ୮।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଆରଏମଏଚପି ଏବଂ ମେକାନିକାଲ ସପ୍ ବିଭାଗରେ ନିୟୋଜିତ ଠିକା ଶ୍ରମିକଙ୍କୁ ଭାରତୀୟ ଆଇରନ୍ ଆଣ୍ଡ ଷ୍ଟିଲ ସେକ୍ଟର ସ୍କିଲ କାଉନ୍‌ସିଲ ଦ୍ୱାରା ଆରପିଏଲ ତାଲିମ କାର୍ଯ୍ୟକ୍ରମର ସଫଳ ସମାପ୍ତି ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରଏମଏଚପି ବିଭାଗ ସିଜିଏମ ଏସଏସ ରାୟଚୌଧୁରୀ ଏବଂ ଏଚଆରଡି ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ୧୧ ଜଣ ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଆରଏମଏଚପି ବିଭାଗ ଏଜିଏମ ସିକନ୍ଦର ମୁଣ୍ଡା ଠିକା ଶ୍ରମିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିଭଳି ମେକାନିକାଲ ସପରେ ୯ ଜଣ ଠିକା ଶ୍ରମିକ ପୁରସ୍କୃତ ହୋଇଥିଲେ। ଡିଜାଇନ ଓ ସପ ବିଭାଗ ସିଜିଏମ ରବି ରଞ୍ଜନ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଡିଜାଇନ ଓ ମେକାନିକାଲ ସପ ବିଭାଗ ଜିଏମ ଇନଚାର୍ଜ ଶେଖର ନାରାୟଣ, ଏଚଆରଡି ବିଭାଗ ଜିଏମ ଏଚ ପତିଙ୍କ ସମେତ ଏଚଆରଡି ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏଚଆରଡି ବିଭାଗ ସିନିୟର ମ୍ୟାନେଜର ଏଲ ମାର୍ଣ୍ଡି ଓ ଜୁନିଅର ଅଫିସର ଆଲୋକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଏହି ଠିକା ଶ୍ରମିକମାନେ ଡୋମେନ ଓ ସୂକ୍ଷ୍ମ ଦକ୍ଷତାରେ ତାଲିମପ୍ରାପ୍ତ ହୋଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସେମାନଙ୍କୁ ଉଦ୍ୟୋଗୀ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟମାନ ମାନବ ସମ୍ବଳଙ୍କ ଦକ୍ଷତା ବିକାଶ ପୂର୍ବକ ମାନକ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଅନୁରୂପ ଗଢ଼ିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ



**ରାଉରକେଲା,୮ ।୧(ସମିସ)**

ସ୍ଥାନୀୟ ଭଞ୍ଜ ଭବନ ପ୍ରଦର୍ଶନୀ ପଡ଼ିଆରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଆଞ୍ଚଳିକ କଳିଙ୍ଗ ହର୍ବଲ ମେଳା ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଉରକେଲା କେନ୍ଦୁପତ୍ର ଡିଏଫଓ ଗୋକୁଳ ଚନ୍ଦ୍ର ପାଇକରାୟ ମୁଖ୍ୟଅତିଥି, ବାମଡ଼ା ଡିଏଫଓ ସମୀର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମନେ ନିଜ ବକ୍ତବ୍ୟରେ ହର୍ବାଲ ମେଳାର ପ୍ରଶଂସା କରିବା ସହ ପାରମ୍ପରିକ ଚିକିତ୍ସା ପଦ୍ଧତି ଆପଣାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହା ବ୍ୟୟସାପେକ୍ଷ ହୋଇ ନ ଥିବା ବେଳେ ପାଶ୍ୱର୍ ପ୍ରତିକ୍ରିୟା ବିହୀନ ହୋଇଥାଏ। ଏଣୁ ଜନସାଧାରଣ ଆୟୁର୍ବେଦ ଔଷଧ ଓ ଏହି ଚିକିତ୍ସାର ସୁଯୋଗ ନେବାକୁ ସେମାନେ କହିଥିଲେ। ଏସିଏଫ ସୌମ୍ୟରଞ୍ଜନ ଗୋଚ୍ଛାୟତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିଙ୍କ ସହ ଉତ୍ତମ ବୈଦ୍ୟ, ଷ୍ଟଲ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଓଡ଼ିଶା ସରକାରଙ୍କ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ ମିଳିତ ସହଯୋଗରେ ଏହି ମେଳା ଆୟୋଜିତ ହୋଇଥିଲା। ମେଳାରେ ସାମଗ୍ରୀ ବିକ୍ରି ସାଙ୍ଗକୁ ହର୍ବାଲ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୫ ଦିନ ବ୍ୟାପୀ ଅନୁଷ୍ଠିତ ଏହି ହର୍ବାଲ ମେଳାରେ ଆଶାଜନକ ବ୍ୟବସାୟ ହୋଇଥିବା ବେଳେ ସହରବାସୀ ମେଳା ବୁଲି ଦେଖିବା ସହ ଏହାର ସୁଯୋଗ ନେଇଥିଲେ।

## ପଞ୍ଚାୟତ ସମିତି ବୈଠକ ବାତିଲ

**ରାଉରକେଲା,୮ ।୧(ସମିସ):** ବିଶ୍ରା ପଞ୍ଚାୟତ ସମିତି ବୈଠକରେ ସମିତି ସଭ୍ୟ ଓ ସରପଞ୍ଚମାନେ ଅଧାରୁ କକ୍ଷ ତ୍ୟାଗ କରିଥିବାରୁ ବୈଠକକୁ ବାତିଲ କରାଯାଇଛି। ଠିକ୍ ସମୟରେ ବୈଠକ ଆରମ୍ଭ ହୋଇଥିଲେ ମଧ୍ୟ ଉକ୍ତ ବୈଠକରେ ବ୍ଲକ୍ ଅଧ୍ୟକ୍ଷ ଫୁଲମଣି କେରକେଟା, ଉପାଧ୍ୟକ୍ଷ ତରନୁମ୍ ସବା, ବିଡିଓ ଜଗନ୍ନାଥ ହନୁମାନ, ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସହକାରୀ ଯନ୍ତ୍ରୀ ରଜତ ଚନ୍ଦ୍ର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ପାନୀୟ ଜଳ ବିଭାଗର ରସାନନ୍ଦ ବରାଳ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ସମସ୍ତ କର୍ମଚାରୀଙ୍କ ଉପସ୍ଥିତରେ ବୈଠକ ଆରମ୍ଭ ହୋଇଥିଲା। ତେବେ ବୈଠକ ଆରମ୍ଭ ହେବା କ୍ଷଣି ସଭ୍ୟସଭ୍ୟାମାନେ ଉନ୍ନୟନ କାମରେ ପାତରଅନ୍ତର ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ। ସେହିପରି ସରପଞ୍ଚ ଅଜିତ ତିର୍କିଙ୍କ ନେତୃତ୍ୱରେ ସରପଞ୍ଚମାନେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ। ବ୍ଲକ୍ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ବୈଠକକୁ ଅଧାରୁ ବାତିଲ କରାଯାଇଛି। ଆଗାମୀ ଦିନରେ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।








# ଠିକ୍ ସମୟରେ ମିଳୁନି ଧାନ ବିକ୍ରି ପ୍ରାପ୍ୟ



ସୁନ୍ଦରଗଡ଼, ୮ ।୧(ସମିସ)

ସୁନ୍ଦରଗଡ଼ ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହରେ ଚାଷୀଙ୍କୁ ଠିକ ସମୟରେ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି । ଜିଲ୍ଲାରେ ଗତ ଡିସେମ୍ବର ୧୫ରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି । ସମସ୍ତ ମଣ୍ଡିରେ କ୍ୱିଣ୍ଟାଲ ପ୍ରତି ୩ କିଲୋ ଧାନ କଟନୀର ଅଘୋଷିତ ନୀତିକୁ ଚାଷୀ ମୁଣ୍ଡପାତି ସହି ନେଉଥିବା ବେଳେ ଠିକ ସମୟରେ ପ୍ରାପ୍ୟ ନ ମିଳିବା ଅସହ୍ୟ ହୋଇପଡୁଛି । ନିୟମ ଅନୁଯାୟୀ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ପଞ୍ଜିକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ଜମା ଖାତା ଜରିଆରେ ପ୍ରାପ୍ୟ ପାଇବା କଥା । ତେବେ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି । ବହୁ ଚାଷୀ ଧାନ ବିକ୍ରି କରିବାର ୧୫ ଦିନ ପରେ ବି ପ୍ରାପ୍ୟ ପାଇପାରି ନାହାନ୍ତି । କାଳେ ପ୍ରାପ୍ୟ ଆସିଥିବ ଭାବି ପ୍ରତିଦିନ ମୋବାଇଲରେ ବ୍ୟାଙ୍କ ମେସେଜ, ଜମା ଖାତା ଆଦି ଯାଞ୍ଚ କରୁଛନ୍ତି । ତେବେ ଧାନ ବିକ୍ରି ଟଙ୍କା ପଡ଼ି ନ ଥିବା ଜାଣି ନିରାଶ ହେଉଛନ୍ତି । ସରକାର ଆଲଟମେଣ୍ଟ ସହ ଧାନ ସଂଗ୍ରହ ଟର୍ଗେଟ ପ୍ରଦାନ କରୁଛନ୍ତି । ତେଣୁ ଧାନ କ୍ରୟ ପରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ କୌଣସି ଅସୁବିଧା ନ ଥିବା ବେଳେ କାହିଁକି ଏପରି ବିଳମ୍ବ ଘଟୁଛି ପଚାରିଲେ ଧାନ ସଂଗ୍ରହରେ ସଂଶ୍ଳିଷ୍ଟ କର୍ମଚାରୀଙ୍କ ପାଖରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ଫଳରେ ଧାନ ବିକ୍ରିକରି ପ୍ରାପ୍ୟ ପାଇ ନ ଥିବା ଚାଷୀ

- **ପଚାରିଲେ ମିଳୁନି ସନ୍ତୋଷଜନକ ଉତ୍ତର**
- **ଚୋରା ଧାନ ବେପାରୀ ଭରସାରେ ଚାଷୀ**

ମାନସିକ ଦୁଶ୍ଚିନ୍ତା ମଧ୍ୟରେ କାଳାତିପାତ କରୁଛନ୍ତି । ଚୋରା ଧାନ ବେପାରୀମାନେ କମ୍ ଦରରେ ଧାନ କିଣୁଥିଲେ ହେଁ ନଗଦ ପ୍ରାପ୍ୟ ପ୍ରଦାନ କରୁଥିବାରୁ ଚାଷୀମାନେ ଭାଗ୍ୟକୁ ଆଦରି ଏମାନଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ତାଙ୍କୁ ଘୋର କ୍ଷତି ସହିବାକୁ ପଡୁଛି । ଏଣୁ ଏଥିପ୍ରତି ସୁନ୍ଦରଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେଇ ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ ସୁନିଶ୍ଚିତ କରିବାକୁ ଦାବି ହେଉଛି ।

# ବନ୍ଧୁକ ମୁନରେ ଜନସେବା କେନ୍ଦ୍ରରୁ ଲୁଟ୍

**ସୁନ୍ଦରଗଡ଼, ୮ ।୧(ସମିସ):** କିଛି ଦିନର ନିରବତା ପରେ ସୋମବାର ଜନସେବା କେନ୍ଦ୍ରରୁ ପୁଣି ବନ୍ଧୁକ ମୁନରେ ଲୁଟ୍ ଅଭିଯୋଗ ହୋଇଛି । ଧରୁଆଡିହି ଥାନା ସାଲେପାଲି ଜନସେବା କେନ୍ଦ୍ରରୁ ଏପରି ଲୁଟପାଟ ହୋଇଥିବା ଅଭିଯୋଗ ହୋଇଛି । ସାଲେପାଲି ଗ୍ରାମର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସେହି ଗ୍ରାମର ଅନୀଲ ବାଗଙ୍କ ଜନସେବା କେନ୍ଦ୍ର ରହିଛି । ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ଉକ୍ତ ଜନସେବା କେନ୍ଦ୍ରରେ ୧୫ରୁ ଉର୍ଦ୍ଧ୍ୱ ମହିଳା ଓ କିଛି ବୃଦ୍ଧ ଉପସ୍ଥିତ ଥିବାବେଳେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ନମ୍ବରବିହୀନ ନାଲି ରଙ୍ଗର ଆପାଚି ବାଇକ୍‌ରେ ଆସି ପହଞ୍ଚିଥିଲେ । ସେମାନେ ଦେଶୀ ପିସ୍ତଲ ବାହାର କରି ଜନସେବା କେନ୍ଦ୍ର ଏବଂ ଆଖାପାଖ ଦୋକାନୀଙ୍କୁ ଭୟଭୀତ କରିଥିଲେ । ଜନସେବା କେନ୍ଦ୍ରର ସମସ୍ତ ଗ୍ରାହକ ଜୀବନ ବିକଳରେ ଦୌଡ଼ି ପଳାଇଥିବା ବେଳେ ପଡ଼ୋଶୀ ଦୋକାନୀମାନେ ମଧ୍ୟ ଭୟରେ ଦୋକାନ ଭିତର ପଟୁ ସଟର ବନ୍ଦ କରି ରହିଥିଲେ । ଦୁର୍ବୃତ୍ତ ମାନେ ଜନସେବା କେନ୍ଦ୍ର ଭିତରେ ପଶି ପରିଚାଳକ ଅନୀଲଙ୍କୁ ଚାପୁଡ଼ା ମାରିବା ସହ ଡ୍ରୟର ଚାବି ମାଗିଥିଲେ । ଅନୀଲ ଭୟରେ ଡ୍ରୟର ଚାବି ଦେବା ପରେ ସମାନେ ଏଥିରେ ଥିବା ୩୦ ହଜାର ଟଙ୍କା ସହ ଅନୀଲ ନିଜ ପକେଟରେ ରଖିଥିବା ୫୦ ହଜାର ଟଙ୍କା ନେଇ ଦଉଁରାପଡ଼ା ଆଡ଼କୁ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତମାନେ ଆଞ୍ଚଳିକ ଭାଷାରେ କଥା ହେଉଥିବା ବେଳେ ମାତ୍ର ୫ରୁ ୭ ମିନିଟ ଭିତରେ ଉକ୍ତ କାରନାମା କରି ଚମ୍ପଟ ମାରିଥିଲେ । ଖବର ପାଇ ଧରୁଆଡିହି ଥାନା ଆଇଆଇସି ସଞ୍ଜୁକ୍ତା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏସ୍‌ପି ପ୍ରତ୍ୟୁଷ ଦିୱାକରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପୁଲିସ ପକ୍ଷରୁ ରୋଡ୍ ବ୍ଲକିଂ କରି ଯାଞ୍ଚ କରାଯାଇଥିଲା । ସେହିପରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ ହୋଇଥିଲା । ମାତ୍ର ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ । ସୂଚନାଯୋଗ୍ୟ, ପୂର୍ବରୁ ସମାନ ଢଙ୍ଗରେ କିଞ୍ଜିରକେଲା, କୁତ୍ରା ଆଦି ଥାନା ଅଞ୍ଚଳରେ ଜନସେବା କେନ୍ଦ୍ରରୁ ବନ୍ଧୁକ ମୁନରେ ଲୁଟ୍ ଅଭିଯୋଗ ହୋଇଛି ।



# ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼, ୮ ।୧(ସମିସ):** ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ଉତ୍ସବରେ ଯେପରି ପ୍ରତିଟି ଓଡ଼ିଆ ଯୋଡ଼ିହୋଇ ଦିବ୍ୟ ଅନୁଭବର ସାନିଧ ଲାଭ କରିପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ସବୁ ଅଞ୍ଚଳ ପରିକ୍ରମା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି । ଏହି ଅବସରରେ ସୋମବାର ଏହି ରଥ ଟାଙ୍ଗରପାଲି ବ୍ଲକ ମହୁଲପାଲି ଗ୍ରାମ ପରିକ୍ରମା କରିଛି । ଜଗନ୍ନାଥ ମନ୍ଦିରଠାରୁ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା ଶୁଭାରମ୍ଭ କରାଯାଇ ସମସ୍ତଙ୍କ ଘରୁ ମୁଠାଏ ଅରୁଆ ଚାଉଳ ଓ ଗୋଟିଏ ଗୁଆ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଟାଙ୍ଗରପାଲି ବିଡିଓ ଶିବପ୍ରସାଦ ମୁର୍ମୁ, ଟାଙ୍ଗରପାଲି ବ୍ଲକ ବିଜେଡି ସଭାପତି ଶୋଭନ୍ ଦାସ ଓ ମହୁଲପାଲି ସରପଞ୍ଚ ଝରଣା ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ । ଗ୍ରାମବାସୀ ପ୍ରବଳ ଆଗ୍ରହର ସହ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ ଜଣାଇ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ ।

# ଏସ୍‌ପିଙ୍କୁ ସମସ୍ୟା ଜଣାଇଲେ ବିଜେଡି ପ୍ରତିନିଧି



**ସୁନ୍ଦରଗଡ଼, ୮ ।୧(ସମିସ):** ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପ ସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିୱାକରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ସହ ସୁନ୍ଦରଗଡ଼ରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି । ସୁନ୍ଦରଗଡ଼ ସହର ଭିତରେ ଏବଂ ରାଜ୍ୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁଁ ଅନେକ ସମସ୍ୟା ଉପୁଜୁଛି । ଏହି କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟି ଅକାଳରେ ବହୁ ମୂଲ୍ୟବାନ ଜୀବନ ଯାଉଛି । ଏଣୁ ଏହି ବେଆଇନ ଗାଡ଼ି ପାର୍କିଂ ବନ୍ଦ କରାଯିବାକୁ ଦୃଢ଼ ଦାବି କରାଯାଇଛି । ସେହିପରି ବିକଟାଳ ଶବ୍ଦ କରୁଥିବା ବାଇକର ଚାଳକଙ୍କୁ ଧରିବା ସହ ଏପରି ସାଇଲେନ୍ସର କାଢ଼ି ତାଙ୍କଠାରୁ ଜରିମାନା ଆଦାୟ, ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ବିଶେଷ ଧ୍ୟାନ ଦିଆଯିବା, ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ମଧ୍ୟ ଉକ୍ତ ପ୍ରତିନିଧି ମଣ୍ଡଳି ଦାବି କରିଥିଲେ । ଦାବିଗୁଡ଼ିକ ଶୁଣିବା ପରେ ଏସ୍‌ପି ଦିୱାକର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାରୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିନିଧି ମଣ୍ଡଳିରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ନଗର ବିଜେଡି ସଭାପତି ତଥା ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବୁବୁନ ଧଳ ପ୍ରମୁଖ ସାମିଲ ଥିଲେ ।

# ‘ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ ଭଲ ମଣିଷ କରିଥାଏ’

**ସୁନ୍ଦରଗଡ଼, ୮ ।୧(ସମିସ):** ସ୍ଥାନୀୟ ସତସଙ୍ଗ ବିହାର ଓ ଶଙ୍କରାସ୍ଥିତ କଲ୍ୟାଣ ମଣ୍ଡପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଏବଂ ନବନିର୍ମିତ ଶ୍ରୀମନ୍ଦିରର ପ୍ରଥମ ବାର୍ଷିକ ଶୁଭ ଉଦବୋଧନ ସ୍ମୃତି ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ରବିବାର ପ୍ରତ୍ୟୁଷରୁ ଦେବ ମାଙ୍ଗଳିକ ଏବଂ ସାହାନାଇ ସହ ଉଷା କୀର୍ତ୍ତନ କରାଯାଇଥିଲା । ସତସଙ୍ଗ ବିହାରରେ ପ୍ରାତଃ ବିନତୀ ପ୍ରାର୍ଥନା ସହ ସଦଗ୍ରନ୍ଥ ପାଠ ଏବଂ ସଙ୍ଗୀତାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୯ଟାରେ ସତସଙ୍ଗ ବିହାରଠାରୁ ଭକ୍ତଙ୍କ ଦ୍ୱାରା ନଗର ପରିକ୍ରମା ଆରମ୍ଭ ହୋଇ ହସ୍ପିଟାଲ ଛକ, ମିଶନ ଛକ, ଶଙ୍କରା ଦେଇ କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା ହୋଇଥିଲା । ଏଥିରେ କୃତିବାସ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରାକୁ ଅନୁସରଣ କଲେ ପ୍ରତ୍ୟେକ ବ୍ୟକ୍ତିର ଜୀବନ ସରସ, ସୁନ୍ଦର ଓ ସୁଖମୟ ହେବା ସହ ଭଲ ମଣିଷ ତିଆରିରେ ଏହା ସହାୟକ ହୋଇଥାଏ । ଏହା ଦେଶ ଗଠନରେ ଅନେକ ପ୍ରଭାବ ପକାଇଥାଏ ବୋଲି କହିଥିଲେ । ସନ୍ଧ୍ୟାର ପ୍ରାର୍ଥନା ସହ ସତସଙ୍ଗ ହୋଇଥିଲା । ଏଥିରେ ସୁନ୍ଦରଗଡ଼ ସମେତ ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, କୋଇଡ଼ା, ବଣାଇ, ପୁରୀ, ଭୁବନେଶ୍ୱର ଆଦି ସହରରୁ ଅନେକ ଭକ୍ତ ଯୋଗଦେଇଥିଲେ । ଆୟୋଜିତ ମାତୃ ସମ୍ମିଳନୀରେ ମଞ୍ଜୁଳା ମିଶ୍ର ମହିଳାମାନଙ୍କୁ ଉଦବୋଧନ ଦେଇଥିଲେ । ପ୍ରେମାନନ୍ଦ ଦାସ ଏହାକୁ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ଦାସ, ଜଗଦୀଶ ପଟ୍ଟନାୟକ, ପ୍ରହ୍ଲାଦ ସାହୁ, ପବିତ୍ର ଦାସ, ବିନୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ଆନନ୍ଦ ବଜାର ପ୍ରସାଦ ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



# କୁତ୍ରା ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼/କୁତ୍ରା, ୮ ।୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର କୁତ୍ରା ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଡା. ପରାଗ ଗଭାଲି ଏବଂ ଏସ୍‌ପି ପ୍ରତ୍ୟୁଷ ଦିୱାକର ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଏହି ଅବସରରେ ୬୯ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ଓ ୨୭ଟି ସାମୂହିକ ଅଭିଯୋଗ ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭ଟି ଆବେଦନ ରହିଛି । ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସନ୍ କାର୍ଡ ସମସ୍ୟା, ଭତ୍ତା ଆଦି ରହିଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଓ ସଦର ଉପ ଜିଲ୍ଲାପାଳ ଦାଶରଥି ସରାବୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଆଜିଠୁ ପଞ୍ଜୀକରଣ

**ସୁନ୍ଦରଗଡ଼, ୮ ।୧(ସମିସ):** ଜିଲ୍ଲା ତଥା ରାଜ୍ୟରେ ଲୁକ୍କାୟିତ ତଥା ଉଦୀୟମାନ ପ୍ରତିଭା ଚିହ୍ନଟ କରି ତାଙ୍କ କ୍ରୀଡ଼ାନୈପୁଣ୍ୟକୁ ଶାଣିତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପ୍ରତି ଜିଲ୍ଲାରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକ ନିଜ ଦଳ ଚୟନ କରି ଖେଳାଳି ପଞ୍ଜୀକରଣ ପାଇଁ ଆବଶ୍ୟକ ନଥିପତ୍ର ସଂସଦ କାର୍ଯ୍ୟାଳୟରେ ଜମା କରିବାକୁ ପଡ଼ିବ । ଯଦି ବିଦ୍ୟାଳୟର ସମ୍ପୂର୍ଣ୍ଣ ଦଳ ହୋଇପାରୁନାହିଁ ତାହେଲେ ମଧ୍ୟ ସେମାନେ ନିଜ ଶିକ୍ଷାର୍ଥୀଙ୍କୁ ଆବଶ୍ୟକ ନଥିପତ୍ର ଦେଇ ପଞ୍ଜିକୃତ କରାଇବେ । ପଞ୍ଜିକୃତ ଖେଳାଳିମାନଙ୍କ ଏକ ବିଧିବଦ୍ଧ ଚୟନ ପ୍ରକ୍ରିୟା ପ୍ରଣୟନ କରାଯିବ । ଆସନ୍ତା ଜାନୁଆରୀ ୧୭ ତାରିଖ ଟ୍ରାଏଲ୍ସ ଜରିଆରେ ଖେଳାଳିଙ୍କୁ ଚୟନ କରି ଦଳ ଗଠିତ ହେବ । ଏହି ପଞ୍ଜୀକରଣ ପାଇଁ ଡିଜିଟାଲ ଜନ୍ମ ପ୍ରମାଣପତ୍ର ଓ ଆଧାରକାର୍ଡ ସହ ବିଦ୍ୟାଳୟ ମୁଖ୍ୟଙ୍କ ଷ୍ଟାମ୍ପ ଓ ଦସ୍ତଖତ ହୋଇଥିବା ଘୋଷଣାନାମା ବିଦ୍ୟାଳୟ ଲେଟର ହେଡ୍‌ରେ ପ୍ରଦାନ କରିବାକୁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଜଣାଇଛନ୍ତି । ଅଧିକ ସୂଚନା ପାଇଁ କ୍ରିକେଟ୍ ସମ୍ପାଦକ ଶିଶିର କୁମାର ପଟେଲଙ୍କୁ ୭୦୦୮୨୧୪୨୨୩ ଓ ଶୁଭମ୍ ଦାଶଙ୍କୁ ୭୭୪୯୯୫୨୦୩୩ ନମ୍ବରରେ ଯୋଗାଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ।

# ଅଭିନବ ପ୍ରୟାସ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା



**ବାଲିଶଙ୍କରା, ୮ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ବନ୍ଧବାହାଲ ଗ୍ରାମରେ ଚାଲିଥିବା ୧୨ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ରବିବାର ଅଭିନବ ପ୍ରୟାସ ସଂଗଠନ ସଭାପତି ବଚନ ଗରଡ଼ିଆ, ସମ୍ପାଦକ ସନ୍ତୋସ ମଗର, ସହ ସମ୍ପାଦକ ସୁଧୀର ତାଜନ, ସଭ୍ୟ ମଧୁ ଲାରଙ୍ଗ, ବିନତା ଲାରଙ୍ଗ, ଉପଦେଷ୍ଟା ଯୋଗେଶ୍ୱର ବେସନ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ସଂଗଠନର କର୍ମକର୍ତ୍ତାମାନେ ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ରଞ୍ଜନ ପ୍ରସାଦ ସାହୁ ଓ କୁନା କାଲୋଙ୍କୁ ସମ୍ମାନିତ କରିଥିଲେ । ଜୟତରାମ ୟୁଥ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ଏହି ଅବସରରେ ସମ୍ବଲପୁର ଓ ମୟୂରଭଞ୍ଜ ଦଳ ମଧ୍ୟରେ ଚାଲିଥିବା ଫୁଟବଲ ମ୍ୟାଚକୁ ଅତିଥିମାନେ ଉପଭୋଗ କରିବା ସହ ସଂଗଠନ ପକ୍ଷରୁ ସମ୍ବଲପୁର-୧୧ ଷ୍ଟାର ଦଳର ୧୦ ନମ୍ବର ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହ ସଂଗଠନ କର୍ମକର୍ତ୍ତାମାନେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ଖେଳର ମଧ୍ୟାନ୍ତରରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

# ବନ୍ଧବାହାଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; କୁଚିଣ୍ଡା ଚାମ୍ପିଅନ

ବାଲିଶଙ୍କରା, ୮ ।୧(ସମିସ)

ବାଲିଶଙ୍କରା ବ୍ଲକ ବନ୍ଧବାହାଲ ବନ୍ଧବାହାଲଠାରେ ବନ୍ଧବାହାଲ ଜୟତରାମ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଏଥିରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ କୁଚିଣ୍ଡା ଓ ସମ୍ବଲପୁର-୧୧ ମଧ୍ୟରେ ଖେଳାଯାଇଥିଲା । କୁଚିଣ୍ଡା ୪-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ହେମନ୍ତ ଦାଶ, ଅଶୋକ ପାଣ୍ଡବ, କୁମର ଛତ୍ରିଆ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ ଖେଳ ପରିଚାଳନା କରିଥିଲେ । ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଖେଳ ପରିଚାଳନା ହୋଇଥିଲା ।

ଏଥିରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟଅତିଥି ରୂପେ ଯୋଗଦେଇ କଠିନ ପରିଶ୍ରମ, ଏକାଗ୍ରତା, ଶୃଙ୍ଖଳା ବଜାୟ ରଖିପାରିଲେ ଜଣେ ସୁନାମଧନ୍ୟ ଖେଳାଳି ହୋଇପାରିବ ବୋଲି ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ । ଭବିଷ୍ୟତ ଗଠନରେ କ୍ରୀଡ଼ା ସହାୟକ ହୋଇଥାଏ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ ଟପ୍ପୋ ଯୋଗଦେଇ ସୁନ୍ଦରଗଡ଼ ଜିଲ୍ଲାରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏସଡିସି ତରଫରୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଜୟତରାମ କ୍ଲବକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବାଲିଶଙ୍କରା ଜିଲ୍ଲା ପରିଷଦ (କ) ଜୋନ ସଭ୍ୟ ବିନୋଦ କୁଜୁର, (ଖ) ଜୋନ ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ପୂର୍ବତନ ବରିଷ୍ଠ ଖେଳାଳିମାନେ ଉପସ୍ଥିତ ରହି କ୍ରୀଡ଼ାକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଅତିଥିମାନେ ଚାମ୍ପିଅନ କୁଚିଣ୍ଡା ଦଳକୁ ଦେଢ଼ ଲକ୍ଷ ଟଙ୍କା, ରନର୍ସଅପ ସମ୍ବଲପୁର-୧୧କୁ ଏକ ଲକ୍ଷ ଟଙ୍କା, ତୃତୀୟ ଦଳ ବିଶାଳ ବ୍ରଦର୍ସକୁ ୨୫ ହଜାର ଟଙ୍କା ଏବଂ ୪ର୍ଥ ଦଳ ମୟୂରଭଞ୍ଜକୁ ୨୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଜୟତରାମ କ୍ଲବ ସଭାପତି/ସମ୍ପାଦକ ରଞ୍ଜନ ସାହୁ, କୁନାଲ କାଲୋ ଓ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ଜନସାଧାରଣ ଓ ଫୁଟବଲ ଖେଳାଳି ଉପଭୋଗ କରିଥିଲେ ।




**‘ଭବିଷ୍ୟତ ଗଠନରେ କ୍ରୀଡ଼ା ସହାୟକ ହୋଇଥାଏ’**

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



**ଲହୁଣୀପଡ଼ା, ୮ ।୧(ସମିସ):** ୧୦ (କ) ନମ୍ବର ରାଜ୍ୟ ରାଜପଥର ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟାଙ୍ଗଯୋଡ଼ା କ୍ରସର ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବଣାଇଁ ଥାନା ଦରେଇକେଳା ଗ୍ରାମର ଗଗନ ତ୍ରିପାଠୀ (୨୦) । ସୋମବାର ସକାଳେ ଗଗନ ଟାଙ୍ଗଯୋଡ଼ା ଗ୍ରାମସ୍ଥିତ ତାଙ୍କ ମାମୁଘରକୁ ବାଇକ ଯୋଗେ ଯାଉଥିବା ବେଳେ କ୍ରସର ସମ୍ମୁଖରେ ବାଇକ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ଧକ୍କା ହୋଇଥିଲା । ଫଳରେ ଗଗନ ରାସ୍ତା ତଳକୁ ଛିଟିକିପଡ଼ି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବାଇକ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

## ବଣଭୋଜି ବେଳେ ଗଣ୍ଡଗୋଳ ଘଟଣା

# ଯୁବତୀଙ୍କୁ କମେଣ୍ଟ ଓ ପୁଲିସକୁ ମାଡ଼ ଅଭିଯୋଗରେ ୪ ଗିରଫ

**ରାଉରକେଲା, ୮ ।୧(ସମିସ)**

ନୂତନ ବର୍ଷ ପାଳନ ଅବସରରେ ବଣଭୋଜିସ୍ଥଳରେ ଯୁବତୀଙ୍କୁ କମେଣ୍ଟ ଓ ପୁଲିସକୁ ମାଡ଼ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପାଲି ଥାନା ଅନ୍ତର୍ଗତ ସରକାରୀ ଆଇଟିଆଇ ନିକଟ ଶାନ୍ତିନଗରର ସାଇନାଥ କ୍ଲବ ସଦସ୍ୟ ସତ୍ୟଜିତ ଭୋଲା, ସେକ ଅବଦୁଲ ସତ୍ତର, ରଞ୍ଜିତ ସାଗର ଓ ବାବୁ ରାଉତ । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି । ସେମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ପୁଲିସ ସୂଚନା ମୁତାବକ, ମନ୍ଦିରା ଡ୍ୟାମକୁ ରଘୁନାଥପାଲି ଥାନା ଅନ୍ତର୍ଗତ ଲେବର ଟେନାମେଣ୍ଟ, ଏସଟିଆଇ, ଆଇଟିଆଇ ଗଙ୍ଗାଧରପାଲି ଅଞ୍ଚଳର ଯୁବକମାନେ ରବିବାର ପିକନିକ କରିବାକୁ ଯାଇଥିଲେ । ଉକ୍ତ ସ୍ଥାନକୁ ଏୟାରଟେଲ କମ୍ପାନୀ କର୍ମଚାରୀ ତଥା ଯୁବକ ଯୁବତୀମାନେ ମଧ୍ୟ ଯାଇଥିଲେ । ଅପରାହ୍ନରେ ଏୟାରଟେଲ କମ୍ପାନୀର ମହିଳା କର୍ମଚାରୀମାନଙ୍କୁ ଉକ୍ତ ଯୁବକମାନେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ କମେଣ୍ଟ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ । ଯୁବକଙ୍କ ଏପରି ବିଶୃଙ୍ଖଳିତ ଆଚରଣ ଦେଖି ଏୟାରଟେଲ କମ୍ପାନୀ କର୍ମଚାରୀମାନେ ବିରୋଧ କରିଥିଲେ । ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଗିରଫ ଯୁବକ ଓ ସହଯୋଗୀମାନେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ପାଟିତୁଣ୍ଡ ଶୁଣି ସେଠାରେ ନିୟୋଜିତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ପୃକ୍ତ ଯୁବକଙ୍କ ମାଡ଼ର ଶିକାର ହୋଇଥିଲେ । ଆକ୍ରମଣକାରୀଙ୍କ ମାଡ଼ରେ ୩ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ । ଏନେଇ ଏୟାରଟେଲ କମ୍ପାନୀ କର୍ମଚାରୀ ଓ ପୁଲିସ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ।

## କୋଇଡ଼ାରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା



**କୋଇଡା,୮ ।୧(ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ଗାଁରୁ ସହର ପ୍ରତିଟି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି । ଏଥିନିମନ୍ତେ ଅର୍ପଣ ରଥ ରାଜ୍ୟର ସମସ୍ତ ଅଞ୍ଚଳ ପରିକ୍ରମା କରୁଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକରେ ଅର୍ପଣ ରଥ ବାହାରିଛି । କୋଇଡ଼ା ବ୍ଲକ କାର୍ଯ୍ୟାଳୟରୁ ବାହାରିଥିବା ଏହି ରଥ ଜଗନ୍ନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପରେ ଘରୁ ଘରୁ ଗୁଆ ଚାଉଳ ସଂଗ୍ରହ ଅଭିଯାନ ଆରମ୍ଭ କରିଛି ।

## କୋଇଡ଼ା ପ୍ରେସ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ

**କୋଇଡ଼ା, ୮ ।୧(ସମିସ):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋଇଡ଼ାର ବଣପାହାଡ଼ ଘେରା ବସ୍ତିଗୁଡ଼ିକରେ ବାସ କରୁଥିବା ଆଦିବାସୀମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଉପରେ ନିର୍ଭର କରନ୍ତି । କୋଇଡ଼ାର ଆଖପାଖ ବସ୍ତିଗୁଡ଼ିକରେ ରହୁଥିବା ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ କୋଇଡ଼ା ପ୍ରେସ କ୍ଲବ୍ ପକ୍ଷରୁ ଏହାର ବାର୍ଷିକ ଉତ୍ସବଠାରୁ ଏଯାବତ ବିଭିନ୍ନ ବସ୍ତିରେ କମ୍ବଳ ବଣ୍ଟନ ଜାରି ରହିଛି । କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ କୋଇଡ଼ା ପ୍ରେସକ୍ଲବ ସଭାପତି ସଂଗ୍ରାମ କେଶରୀ ନାୟକ, ସମ୍ପାଦକ ବିଜୟ ଜେନା, ବରିଷ୍ଠ ସଭ୍ୟ ସମ୍ବିତ ଜେନା, ନଗେଶ ପତ୍ରି, ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ● ୬୭ଷ ଜାତୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଓଡ଼ିଶା ଚାମ୍ପିଅନ

# ସୁନ୍ଦରଗଡ଼ ଖେଳାଳିଙ୍କ ସଫଳତା




**ରାଉରକେଲା, ୮ ।୧(ସମିସ)**

ରାଉରକେଲା ସହରରେ ଆୟୋଜିତ ୬୭ଷ ଜାତୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ସୁନ୍ଦରଗଡ଼ ଜିଲ୍ଲାର ମୋଟ ୩୫ ଖେଳାଳିଙ୍କୁ ସଫଳତା ମିଳିଛି । ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ସ୍ୱର୍ଣ୍ଣ, ୧୮ ଜଣଙ୍କୁ ରୌପ୍ୟ ଏବଂ ୪ ଜଣଙ୍କୁ କାଂସ୍ୟ ପଦକ ମିଳିଛି ।

ରାଉରକେଲା ଛେଣ୍ଡସ୍ଥିତ ଆହୁତି ଭବନରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ତାଏକ୍ୱୋଣ୍ଡୋ ଖେଳାଳି ଭାଗ ନେଇଥିଲେ । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଦିଲ୍ଲୀ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ବିହାର, ହରିୟାଣାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ ଓ ତୃତୀୟରେ ପଶ୍ଚିମବଙ୍ଗ ରହିଥିବା ସୂଚନା ମିଳିଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩ ଶହରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ । ରାଉରକେଲା ଓ ବୀରମିତ୍ରପୁର ସହରର ୬୭ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ । ରାଉରକେଲା ସିଭିଲ୍ ଟାଉନସିପ୍‌ସ୍ଥିତ ଇଣ୍ଡିଆନ୍ ତାଏକ୍ୱୋଣ୍ଡୋ ୟୁନିଅନ କାର୍ଯ୍ୟାଳୟରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଖେଳାଳିଙ୍କୁ ଇଣ୍ଡିଆନ ତାଏକ୍ୱୋଣ୍ଡୋ ୟୁନିଅନ୍‌ର ସାଧାରଣ ସମ୍ପାଦକ ମାଷ୍ଟର ମୁକେଶ କୁମାର ସାହୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି ।

## ହଷ୍ଟେଲରୁ ସପ୍ତମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଉରକେଲା, ୮ ।୧(ସମିସ):** ଛେଣ୍ଡ ଅଞ୍ଚଳରେ ଥିବା ସରକାରୀ ଅନ୍ୱେଷା ଛାତ୍ରାବାସରୁ ଛେଣ୍ଡ ଥାନା ପୁଲିସ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ଛାତ୍ର ଜଣକ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଆଉ କିଛି ଘଟଣା ଲୁଚି ରହିଛି ତାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତକ ହେଲେ ଗୁରୁଣ୍ଡିଆ ବ୍ଲକ ସୋଲ ଗ୍ରାମର କ୍ରିଷ୍ଣା କୁଜୁର (୧୨) । ପୁଲିସ ସୂଚନା ମୁତାବକ, ଛେଣ୍ଡ ଅଞ୍ଚଳରେ ଥିବା ଉକ୍ତ ସରକାରୀ ଅନ୍ୱେଷା ଛାତ୍ରାବାସରେ ରହି କ୍ରିଷ୍ଣା ପାଠ ପଢୁଥିଲେ । ସୋମବାର ସକାଳେ ସେ ରୁମରୁ ବାହାରି ନ ଥିଲେ । ଅନ୍ୟ ଛାତ୍ର ତଥା କର୍ମଚାରୀମାନେ କବାଟ ବାଡ଼େଇଥିବା ବେଳେ ଭିତରୁ ବନ୍ଦ ଥିବାରୁ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚିବା ପରେ କବାଟ ଭଙ୍ଗାଯାଇଥିଲା । କ୍ରିଷ୍ଣା ସିଲିଂ ଫ୍ୟାନ୍‌ରୁ ରଶି ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅପରପକ୍ଷେ ତାଙ୍କ ବାପାଙ୍କ ଡିସେମ୍ବର ମାସରେ ଦେହାନ୍ତ ହୋଇଥିବା ବେଳେ ସେ ଛୁଟିରେ ଘରକୁ ଯାଇଥିଲେ । କିଛିଦିନ ପୂର୍ବେ ଛାତ୍ରାବାସକୁ ଆସିଥିଲେ ବୋଲି ପରିବାର ଲୋକେ ପୁଲିସକୁ କହିଛନ୍ତି । ସେ ଏଭଳି ପଦକ୍ଷେପ କାହିଁକି ଗ୍ରହଣ କଲେ ତାହା ସ୍ପଷ୍ଟ ହୋଇନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## ବିଦ୍ୟାଳୟରେ ସମୃଦ୍ଧି ପ୍ରଶିକ୍ଷଣ ଶିବିର



**ରାଉରକେଲା, ୮ ।୧(ସମିସ):** ସ୍ଥାନୀୟ ଡେଲି ମାର୍କେଟସ୍ଥିତ ସହର ଉଚ୍ଚ ବିଦ୍ୟାଳୟରେ ସମୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଶ୍ରମମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଶିକ୍ଷକମାନଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ଦୁର୍ବଳତା ପ୍ରକାଶ କରିବା ସହ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶିବିର ଦୁଇ ପର୍ଯ୍ୟାୟରେ ୧୦୦ ଜଣ ପ୍ରଶିକ୍ଷାର୍ଥିଙ୍କ ଦ୍ୱାରା କରାଯାଇଥିଲା । ବିଶ୍ରା ବିଇଓ ବେଣୁଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ୮ ଜଣ ସାଧନ କର୍ମୀ ଶିକ୍ଷାଦାନ କରିଥିଲେ । ଆନନ୍ଦ ଚନ୍ଦ୍ର ମଲ୍ଲିକ ଓ ଆର୍ତ୍ତତ୍ରାଣ ଜେନା ସହଯୋଗ କରିଥିଲେ ।

## ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସୁନ୍ଦରଗଡ଼, ୮ ।୧(ସମିସ):** ଓଡ଼ିଶା ସରକାରଙ୍କ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଲେଫ୍ରିପଡ଼ା ମହାବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ପୂର୍ବତନ ଲେଫ୍ରିପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିର କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗଙ୍କ ଭିତରେ ରହିଥିବା ପ୍ରତିଭା ଦ୍ୱାରା ଏକ ନୂତନ ଓଡ଼ିଶାର ପରିକଳ୍ପନା କରାଯାଇପାରେ ବୋଲି କହିଥିଲେ । ସମ୍ମାନିତ ଅତିଥି ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ପଟେଲ ଯୁବକ ଯୁବତୀମାନଙ୍କ ପ୍ରତିଭାର ଆକଳନ ନିମନ୍ତେ ଏ ଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ହେବା କଥା ବୋଲି ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ କୁମାର ଦାସ ଏଥିରେ ସଭାପିତିତ୍ୱ କରି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ନିକିତା ପ୍ରଧାନ, ଦୀପ୍ତି ମାଝୀ, ମୌସୁମୀ ଖିଲେଇ, ରେଖା ଲାକ୍ରା, ବିନୁ ପଣ୍ଡା, ସୁସାନା ତିର୍କୀ, ମାକ୍ସିମା ମୁଣ୍ଡୁ, ଆନିମା ତିର୍କୀ, ବଟକୃଷ୍ଣ ଭୋଇ ପ୍ରମୁଖ ନୃତ୍ୟ ପରିବେଷଣ କରିଥିବା ବେଳେ ଆଶିଷ ପଟେଲ, ନିକିତା ପଟେଲ, ମୁକେଶ ସାହୁ, ଭୂମାଂଶୁ ଚାନ୍ଦ ପ୍ରମୁଖ କମେଡ଼ି ପ୍ରଦର୍ଶନ କରିଥିଲେ । ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ତଥା ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଯୁବରାଜ ସା, ଅକ୍ଷୟ କୁମାର ମହାନ୍ତି, ସ୍ୱୟଂ ବିକାଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# 'ଶରୀର, ମନ ଏବଂ ହୃଦୟର ନେତୃତ୍ୱ' ଉପରେ କର୍ମଶାଳା





**ରାଉରକେଲା, ୮।୧(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) କର୍ମଚାରୀଙ୍କ ପାଇଁ 'ଶରୀର, ମନ ଏବଂ ହୃଦୟର ନେତୃତ୍ୱ' ଉପରେ ଆୟୋଜିତ ଦୁଇଦିନିଆ କର୍ମଶାଳାକୁ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମାନବ ସମ୍ବଳ ବିକାଶ କେନ୍ଦ୍ରରେ ସୋମବାର ଉଦଘାଟନ କରିଛନ୍ତି । ଏହି ଅବସରରେ କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ତରୁଣ ମିଶ୍ର, ମାନବ ସମ୍ବଳ ବିକାଶ କେନ୍ଦ୍ର ମୁଖ୍ୟ ମହାପ୍ରବନ୍ଧକ ରାଜଶ୍ରୀ ବାନାର୍ଜୀ ଏବଂ ଜୟଗଙ୍ଗା ଲାଇଫ୍ କୋଚିଂର ପ୍ରତିଷ୍ଠାତା ଅଧ୍ୟକ୍ଷ ଗୁରୁ କିରଣଜୀ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଭୌମିକ କହିଲେ ଯେ ସେଲ ହେଉଛି ଏକ ପରିବାର ଏବଂ ସମସ୍ତେ ସୁସ୍ଥ ଏବଂ ଖୁସିରେ ରୁହନ୍ତୁ ଏହା ଆମର କାମ୍ୟ । ସୁସ୍ଥ କାର୍ଯ୍ୟ-ଜୀବନ ସନ୍ତୁଳତା ବଜାୟ ରଖିବା ପାଇଁ ସୁସ୍ଥ ହୃଦୟ, ସୁସ୍ଥ ମନ ଏବଂ ସୁସ୍ଥ ଶରୀର ଅପରିହାର୍ଯ୍ୟ । ଏକ ସଂସ୍ଥାରେ ସଫଳ ହେବା ପାଇଁ ଏକ ସୁସ୍ଥ କର୍ମଜୀବୀ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । କାରଖାନାରେ ସୁସ୍ଥ ଉପକରଣ ରହିବା ସହ ସୁସ୍ଥ କର୍ମଜୀବୀ ମଧ୍ୟ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆମେ ଲକ୍ଷ୍ୟ ରଖିଛୁ ବୋଲି ସେ କହିଥିଲେ । ଇଡି ମିଶ୍ର କହିଲେ, କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟରେ ସର୍ବୋତ୍ତମ ପ୍ରଦର୍ଶନ ଦେବାକୁ ହେଲେ ସୁସ୍ଥ ମନ ଏବଂ ସୁସ୍ଥ ହୃଦୟ ରହିବା ଆବଶ୍ୟକ । ପ୍ରାୟ ୩୫ କର୍ମଚାରୀ ବିଭିନ୍ନ ବୈଷୟିକ ଅଧିବେଶନର ପ୍ରସାରିତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ଅଧିବେଶନକୁ ମାନବ ସମ୍ବଳ ବିକାଶ କେନ୍ଦ୍ର ଏଜିଏମ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ ।

## ଗଞ୍ଜେଇ କାରବାର ମାମଲା

# ଅଭିଯୁକ୍ତକୁ ୧୦ବର୍ଷ ଜେଲ୍

**ବ୍ରହ୍ମପୁର, ୮ ।୧(ସମିସ):** ସ୍ଥାନୀୟ କାଲୁପାତ୍ର ସାହିର ଏକ ଘରଭିତରୁ ୩୬କେଜି ଗଞ୍ଜେଇ ଜବତ ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ପ୍ରଥମ) ଡଃ. ଇନ୍ଦୁ ଶର୍ମା ଅଭିଯୁକ୍ତ ନିରଞ୍ଜନ ସାହୁଙ୍କୁ ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି । ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜୋରିମାନା ଅନାଦେୟ ଅଧିକ ୧ବର୍ଷ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ହୋଇଛି । ସୂଚନାଯୋଗ୍ୟ ଯେ, ୨୦୨୦ଜୁନ ୬ତାରିଖରେ ବଡବଜାର ଥାନା ଅନ୍ତର୍ଗତ କାଲୁପାତ୍ର ସାହିର ନିରଞ୍ଜନ ସାହୁ ନଜ ଘର ଭିତରେ ୩୬କେଜି ଗଞ୍ଜେଇ ମହଜୁଦ ରଖିଥିଲେ । ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଘରେ ଚଢଉ କରାଯାଇଥିଲା । ତହସିଲଦାରଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଜବତ କରାଯିବା ସହ ଅବକାରୀ ବିଭାଗ ନିରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମାମଲାର ବିଚାରଣା ବେଳେ ମୋଟ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ସୋମବାର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନରଞ୍ଜନ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ ।

## ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

**ବ୍ରହ୍ମପୁର, ୮ ।୧(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷିସ୍ଥିତ ଏକ ବାଇକ ସୋ'ରୁମରେ ମାରୁତି ସୁଜୁକି କାରରୁ ୭୫କିଲୋ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି ବ୍ରହ୍ମପୁର ଅବକାରୀ ଗୁଇନ୍ଦା ଟିମ୍ । ସେମାନେ ହେଲେ କୋଦଳା ଥାନା ଅଞ୍ଚଳର ଦୀପକ ମୁନି(୨୦), ସୋନୁ ନାୟକ(୧୯) ଓ ରୋହିତ ନାୟକ(୨୧) । ଜବତ ଗଞ୍ଜେଇ ଓ କାରର ଆନୁମାନିକ ମୂଲ୍ୟ ୧୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଦକ୍ଷିଣାଞ୍ଚଳ ଅବକାରୀ କମିଶନର ଡ଼ମ୍ବରୁଧରା ଖଣ୍ଡା କହିଛନ୍ତି । ବାଲିଗୁଡାରୁ ଗଞ୍ଜେଇ ଆଣି ଇଚ୍ଛାପୁରକୁ ଚାଲାଣ କରିଆନ୍ତେ ବୋଲି ଜେରାବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଛି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଦେଇ ଗଞ୍ଜେଇ ଚାରାଚାଲାଣ ନେଇ ଅବକାରୀ ଗୁଇନ୍ଦା ବିଭାଗ ସୂଚନା ପାଇଥିଲା । ସୂଚନା ଆଧାରରେ ଅବକାରୀ ଗୁଇନ୍ଦା ଉପ ଅଧିକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ସବ ଇନ୍‌ସପେକ୍ଟର ଅଜିତ କୁମାର ନାୟକ ଓ ତାଙ୍କ ଟିମ ସ୍ଥାନୀୟ କନିଷି ଛକ ସ୍ଥିତ ଏକ ବାଇକ ସୋ'ରୁମ ନିକଟରେ ଯାନବାହନ ଚେକିଂ କରୁଥିଲେ । ସେହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ମାରୁତି ସୁଜୁକି କାରକୁ ଅବକାରୀ ଟିମ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚବେଳେ କାର ଭିତରେ ୭୫କିଲୋରୁ ଅଧିକ ଗଞ୍ଜେଇ ରହିଥିବା ଜଣାପଡ଼ିଥିଲା । ଅବକାରୀ ଗୁଇନ୍ଦା ଆସିଷ୍ଟାଣ୍ଟ ଇନ୍‌ସପେକ୍ଟର ଅନ୍ତର୍ଯାମୀ ସାହୁ, ରଶ୍ମି ନାୟକ, ବ୍ରଜ ନାୟକ ଓ କପିଳ ଭତ୍ରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ବିପିୟୁଟିରେ ସ୍ୱୟଂ ଏନ୍‌ପିଟିଇଏଲ୍ ସଚେତନତା କର୍ମଶାଳା

**ରାଉରକେଲା, ୮ ।୧(ସମିସ):**

ଆଇଆଇଟି ମାଡ୍ରାସ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ରାଉରକେଲାର ସେଣ୍ଟର ଫର ୟୁଜି ଆଣ୍ଡ ପିଜି ଷ୍ଟଡିଜ୍ ମିଳିତ ସହଯୋଗରେ ୬ ତାରିଖ ପୂର୍ବାହ୍ନରେ ନେତାଜୀ ସୁଭାଷ ବୋଷ ପ୍ରେକ୍ଷାଳୟରେ ସ୍ୱୟଂ ଏନପିଟିଇଏଲ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଓ ସିୟୁପିଜିଏସର ନିର୍ଦ୍ଦେଶକ ପ୍ରଫେସର ଶିବ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ପ୍ରଫେସର ରଥ ତାଙ୍କ ଅଭିଭାଷଣରେ ଏହି ଶିକ୍ଷାଦାନ ଗ୍ରହଣ କଲେ ସମ୍ପୃକ୍ତ ଅଧ୍ୟାପକ ଅଧ୍ୟାପିକାମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବା ସହ ଶିକ୍ଷାଦାନରେ ଗୁଣାତ୍ମକ ମାନବୃଦ୍ଧି ହେତୁ ଉଭୟ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ପାଇଁ ଲାଭପ୍ରଦ ହେବ ବୋଲି କହିଥିଲେ । ଏହି ଅବସରରେ ଆଇଆଇଟି ମାଡ୍ରାସ ଏବଂ ଏନପିଟିଇଏଲର ରିସୋର୍ସ ପର୍ସନ ଶିବଶଙ୍କର ଦାସ




ଏନପିଟିଇଏଲ ଅଧୀନରେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିବା ବିଭିନ୍ନ ଉପଲବ୍ଧ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପାଠ୍ୟକ୍ରମରେ ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ପ୍ରଭୃତି ବୈଷୟିକ ଶିକ୍ଷା ସହ ସାଧାରଣ ଶିକ୍ଷା ଉପଲବ୍ଧ ବୋଲି ପ୍ରକାଶ କରିଥିଲେ । କର୍ମଶାଳାରେ ଓଡ଼ିଶା, ବିହାର, ଛତିଶଗଡ଼, ତେଲଙ୍ଗାନା ପ୍ରଭୃତି ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ ଓ ସାଧାରଣ ଶିକ୍ଷାନୁଷ୍ଠାନର ପ୍ରାୟ ୨୫୦ ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ । ସେଣ୍ଟର ଫର ୟୁଜି ଆଣ୍ଡ ପିଜି ଷ୍ଟଡିଜ୍‌ର ପ୍ରଫେସର ମାନସ ରଞ୍ଜନ ନାୟକ, ଡ. ବିଭୂତି ଭୂଷଣ ମୁଖାର୍ଜୀ, ଡ. ମଧୁସ୍ମିତା ବିଶ୍ୱାଳ, ଶିବପ୍ରସାଦ ଦାସ, ବିପିୟୁଟି ଉପ କୁଳସଚିବ ଡ. ଶୁଭେନ୍ଦୁ ରଥଙ୍କ ସମେତ ବିପିୟୁଟିର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏନପିଟିଇଏଲ ସ୍ଥାନୀୟ ଶାଖା ସଂଯୋଜକ ତଥା ସିୟୁପିଜିଏସ କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ ଅଧ୍ୟାପକ ସଦାଶିବ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

